# NATIONAL NEWS BULLETIN (ODIA)
## 16th October - 2025
## Evening Bulletin : 7.15 p.m.

************************************

ଆକାଶବାଣୀ.....   ସମ୍ବାଦ ପଢୁଛନ୍ତି.....   **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ବିଶ୍ୱରେ ଶାନ୍ତି ଓ ସ୍ଥିରତା ନିମନ୍ତେ ଜାତିସଂଘ ଶାନ୍ତିରକ୍ଷା ଅଭିଯାନର କାର୍ଯ୍ୟକୁ ପ୍ରଶଂସା କଲେ ରାଷ୍ଟ୍ରପତି ।

- ଆନ୍ଧ୍ରପ୍ରଦେଶର ସାମଗ୍ରିକ ବିକାଶ ପାଇଁ କେନ୍ଦ୍ର ସରକାର ବହୁମୁଖୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି; କହିଲେ ପ୍ରଧାନମନ୍ତ୍ରୀ ।

- ଦୁଇଦିନ ମଧ୍ୟରେ ୨୫୮ ଜଣ ମାଓବାଦୀଙ୍କ ଆତ୍ମସମର୍ପଣ; ମାଓମୁକ୍ତ ଭାରତ ପରିକଳ୍ପନାକୁ ସାକାର କରୁଛି; କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦୀୟ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି ଭାରତ ।

ଏବଂ

- ୧୮ଟି ଭୋଟ୍ କମ୍ ହେବାରୁ ଫ୍ରାନ୍ସ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଖାରଜ ।

## ପ୍ରେଜ୍ - ଆର୍ମି ଚିଫ୍ କନ୍‌କ୍ଲେଭ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ମିଳିତ ଜାତିସଂଘର ସୈନ୍ୟବଳକୁ ସେନା ଯୋଗାଉଥିବା ଦେଶଗୁଡ଼ିକର ମୁଖ୍ୟ ଓ ଉପମୁଖ୍ୟଙ୍କ ସହ ସାକ୍ଷାତ୍ କରିଛନ୍ତି । ସେହିସବୁ ଦେଶର ପ୍ରତିରକ୍ଷା ବାହିନୀ ମୁଖ୍ୟ ଓ ଉପମୁଖ୍ୟମାନେ ଦିଲ୍ଲୀରେ ଅନୁଷ୍ଠିତ ସେନାମୁଖ୍ୟ ସମ୍ମିଳନୀରେ ଯୋଗ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ପ୍ରତିରକ୍ଷା ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହ ବିଶ୍ୱରେ ଶାନ୍ତି ଓ ସ୍ଥିରତା ନିମନ୍ତେ ଜାତିସଂଘର ଶାନ୍ତିରକ୍ଷା ଅଭିଯାନର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଶାନ୍ତି ରକ୍ଷା ଉଦ୍ଦେଶ୍ୟରେ ବିଭିନ୍ନ ଦେଶର ପ୍ରତିବଦ୍ଧତା ସେନାକ୍ଷେତ୍ରରେ ନେତୃତ୍ୱବୋଧ ସୃଷ୍ଟି କରୁଛି ।

ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ଜାତିସଂଘର ଶାନ୍ତିରକ୍ଷା ଅଭିଯାନରେ ଭାରତର ଅବଦାନ ଅତୁଳନୀୟ । ସେ କହିଛନ୍ତି, ମହିଳା ଶାନ୍ତିରକ୍ଷକମାନେ ମଧ୍ୟ ଏକ୍ଷେତ୍ରରେ ସଫଳତା ଅର୍ଜନ କରିଛନ୍ତି ।

# ପି.ଏମ୍. - ଆନ୍ଧ୍ରପ୍ରଦେଶ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନ୍ଧ୍ରପ୍ରଦେଶରେ ୨ ହଜାର ୮୮୦ କୋଟିରୁ ଅଧିକ ଟଙ୍କାର କୁର୍ନୁଲ୍-୩ ପୁଲିଙ୍ଗ୍ ଷ୍ଟେସନ୍‌ର ଶିଳାନ୍ୟାସ କରିଛନ୍ତି । ଏଥିରେ ୭ ଶହ ପଞ୍ଚଷଠି କିଲୋ ଭୋଲ୍ଟ୍ ଡବଲ୍ ସର୍କିଟ୍ ବିଦ୍ୟୁତ୍ ବିତରଣ ବ୍ୟବସ୍ଥା ରହିଥିବାବେଳେ ଦେଶର ବିକାଶ କ୍ଷେତ୍ରରେ ଶକ୍ତିକ୍ଷେତ୍ରକୁ ବାର୍ଷିକ ୬ ହଜାର ମେଗା ଭୋଲ୍ଟ୍ ଆମ୍ପିୟର୍ ଶକ୍ତି ଯୋଗାଣ କରିବ ବୋଲି ଜଣାପଡ଼ିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି :

***Voice (PM - Energy)*** :..........

ପ୍ରଧାନମନ୍ତ୍ରୀ ଓର୍‌ଭାକାଲ୍ ଶିଳ୍ପାଞ୍ଚଳର ଶିଳାନ୍ୟାସ କରିଛନ୍ତି । ଏଥିରେ ୪ ହଜାର ୯୨୦ କୋଟି ଟଙ୍କା ବିନିଯୋଗ କରାଯିବ । ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ବହୁମୁଖୀ ଶିଳ୍ପ ହବ୍ ଆଗାମୀ ଦିନରେ ଆନ୍ଧ୍ରପ୍ରଦେଶକୁ ବିକାଶର ପରବର୍ତ୍ତୀ ସ୍ତରକୁ ନେବ । ସେ କହିଛନ୍ତି :

***Voice (PM on Andhra Pradesh)*** :......

ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ୬ଟି ଗ୍ରୀନ୍‌ଫିଲ୍ଡ୍ ରାଜପଥର ବିକାଶ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି । ଏଥିଲାଗି ୯୬୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ୧୬ ମାସ ମଧ୍ୟରେ ଆନ୍ଧ୍ରପ୍ରଦେଶର ସାମଗ୍ରିକ ବିକାଶପାଇଁ ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ ସହ ବହୁମୁଖୀ ଯୋଜନା କାର୍ଯ୍ୟକାରୀ କରାଯାଇଛି ।

*Voice (PM on Viksit Bharat)* :..........

## ବିକଶିତ ଭାରତ - କୁଇଜ୍ ଡେଟ୍

କେନ୍ଦ୍ର ଯୁବବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟଦ୍ୱାରା ଆୟୋଜିତ ହେଉଥିବା ବିକଶିତ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପ କୁଇଜ୍-୨୦୨୬ ନିମନ୍ତେ ଶେଷ ତାରିଖକୁ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ମାଇଁ ଭାରତ ପୋର୍ଟାଲ୍‌ରେ ଏପର୍ଯ୍ୟନ୍ତ ୨୦ ଲକ୍ଷରୁ ଅଧିକ ଯୁବ ପ୍ରତିଯୋଗୀ ଏଥିରେ ଯୋଗଦାନ କରିସାରିଛନ୍ତି । ଦେଶର ଯୁବପିଢ଼ିର ଉତ୍ସାହକୁ ଦୃଷ୍ଟିରେ ରଖି ଯେଭଳି ଅଧିକରୁ ଅଧିକ ଯୁବା ଏହି କୁଇଜ୍‌ରେ ଭାଗ ନେଇପାରିବେ, ସେଥିଲାଗି ଶେଷ ତାରିଖକୁ ଚଳିତ ମାସ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

## ଇଣ୍ଡିଆନ୍ ନାଭି - ଆଇ.ଆଇ.ଟି. ଦିଲ୍ଲୀ

ଭାରତୀୟ ନୌସେନାର ବିଭିନ୍ନ ନିର୍ମାଣ କାର୍ଯ୍ୟ ସହ ସମ୍ପର୍କିତ ଯୋଜନାର ମାନକୁ ଉନ୍ନତ କରିବା ଲାଗି ନୌସେନା ଏବଂ ଦିଲ୍ଲୀ

ଆଇ.ଆଇ.ଟି. ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଫଳରେ ଆଇ.ଆଇ.ଟି. ଦିଲ୍ଲୀ ଏକ ସ୍ୱତନ୍ତ୍ର ଗବେଷଣା ଓ ଡିଜାଇନ୍ କେନ୍ଦ୍ର ସ୍ଥାପନ କରିବ । ଏହି କେନ୍ଦ୍ରରେ ଜାହାଜ ନିର୍ମାଣ କ୍ଷେତ୍ରରେ ନିରାପତ୍ତା, କାର୍ଯ୍ୟଦକ୍ଷତା ଏବଂ ଅନ୍ୟାନ୍ୟ ବିଷୟରେ ଗବେଷଣା କରାଯିବ ବୋଲି ଜଣାପଡ଼ିଛି । ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ଭାରତୀୟ ନୌବାହିନୀ ଏବଂ ଆଇ.ଆଇ.ଟି. ଦିଲ୍ଲୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଶାହା - ନକ୍ସଲ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଗତ ଦୁଇଦିନ ମଧ୍ୟରେ ୨୫୮ ଜଣ ମାଓବାଦୀ ହିଂସା ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହୋଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି, ଆଜି ଛତିଶଗଡ଼ରେ ୧୭୦ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବାବେଳେ ୨୭ ଜଣ ଗତକାଲି ଆତ୍ମସମର୍ପଣ କରିଥିଲେ । ଗତକାଲି ମହାରାଷ୍ଟ୍ରରେ ୬୧ ଜଣ ମାଓମାଦୀ ମଧ୍ୟ ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହୋଇଥିଲେ । ଶ୍ରୀ ଶାହା କହିଛନ୍ତି, ବି.ଜେ.ପି. ସରକାର କ୍ଷମତାକୁ ଆସିବା ପରେ ଗତ ଏକବର୍ଷ ମଧ୍ୟରେ ୨ ହଜାରରୁ ଅଧିକ ମାଓବାଦୀ ଆତ୍ମସମର୍ପଣ କରିଥିବାବେଳେ ୧

ହଜାର ୮ ଶହ ମାଓବାଦୀଙ୍କୁ ଗିରଫ କରାଯାଇଛି ଏବଂ ୪୫୦ରୁ ଅଧିକ ମାଓବାଦୀଙ୍କୁ ନିପାତ କରାଯାଇଛି ।

ସେ କହିଛନ୍ତି, ଆସନ୍ତା ବର୍ଷ ମାର୍ଚ୍ଚ ୩୧ ତାରିଖ ପୂର୍ବରୁ ଦେଶରୁ ମାଓବାଦକୁ ମୂଳପୋଛ କରିବା ଲାଗି ଲକ୍ଷ୍ୟ ରଖାଯାଇଥିବାବେଳେ, ସରକାର ଏଥିଲାଗି ପଦକ୍ଷେପ ଗ୍ରହଣ କରୁଛନ୍ତି । ଶ୍ରୀ ଶାହା' ଅସ୍ତ୍ର ତ୍ୟାଗକରି ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବା ଲାଗି ମାଓବାଦୀମାନଙ୍କୁ ଆହ୍ୱାନ ଦେଇଛନ୍ତି ।

## ଚୌହାନ - ପି.ଏମ୍.ଜି.ଏସ୍.ୱାଇ. ସ୍କିମ୍

ଦେଶରେ ସଂଯୋଗୀକରଣ ବ୍ୟବସ୍ଥାର ଦ୍ରୁତ ବିକାଶ କରି ଉଭୟ ଯାତ୍ରୀ ଓ ମାଲ୍ ପରିବହନ କ୍ଷେତ୍ରକୁ ସୁଗମ କରିବା ଲାଗି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଏକ ମାଇଲଖୁଣ୍ଟ ସ୍ଥାପନ କରିଛି । ଏ ସମ୍ପର୍କରେ ଏକ ରିପୋର୍ଟ :

*କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ନୂଆଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ସମୀକ୍ଷା କରିଛନ୍ତି । ବୈଠକରେ କେନ୍ଦ୍ରମନ୍ତ୍ରୀଙ୍କୁ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଏବଂ ମାଓ ପ୍ରଭାବିତ ଅଞ୍ଚଳ ବିଶେଷକରି ଛତିଶଗଡ଼ରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା । ମନ୍ତ୍ରୀ ଶ୍ରୀ ଚୌହାନ ଉତ୍ତର-ପୂର୍ବାଞ୍ଚଳ*

*ଅଞ୍ଚଳରେ ଏହି କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି, ଖୁବ୍‌ଶୀଘ୍ର ଏକ ସ୍ୱତନ୍ତ୍ର ବୈଠକରେ ସେ ଅଧ୍ୟକ୍ଷତା କରି ଉତ୍ତର-ପୂର୍ବାଞ୍ଚଳରେ ସଂଯୋଗୀକରଣ ବ୍ୟବସ୍ଥାର ସମୀକ୍ଷା କରିବେ । ସେ ରାଜ୍ୟ ସରକାରଗୁଡ଼ିକ ସହିତ ଯୋଗାଯୋଗ ରକ୍ଷାକରି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାକୁ ଆହୁରି ଗତିଶୀଳ କରିବା ଲାଗି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି, ଏହି ଯୋଜନାରେ ନିର୍ମାଣ କରାଯାଉଥିବା ଭିତ୍ତିଭୂମିଗୁଡ଼ି ଉଚ୍ଚ ଗୁଣବତ୍ତା ସମ୍ପନ୍ନ ହେବା ଆବଶ୍ୟକ, ଯାହାଫଳରେ ଗ୍ରାମୀଣ ବିକାଶର ମାଧ୍ୟମ ଭାବେ ଏହା ଦୀର୍ଘସ୍ଥାୟୀ ହୋଇପାରିବ । ବୈଠକରେ ଆସନ୍ତା ଡିସେମ୍ବର ମାସରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ୨୫ତମ ବାର୍ଷିକୀ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି । ଗ୍ରାମୀଣ ଭାରତରେ ଏକ ବଡ଼ ପରିବର୍ତ୍ତନ ଆଣିବା କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି ।*

***ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସତ୍ୟରଞ୍ଜନ ମହାପାତ୍ର ।***

## ଏମ୍.ଇ.ଏ. - ଆଫଗାନ-ପାକ୍

ଆଫଗାନିସ୍ତାନ ଏବଂ ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦୀୟ ପରିସ୍ଥିତି ଉପରେ ଭାରତ ତୀକ୍ଷ୍ଣ ନଜର ରଖିଛି ବୋଲି ବୈଦେଶିକ ବ୍ୟାପାର

ମନ୍ତ୍ରଣାଳୟ କହିଛି । ଆଜି ନୂଆଦିଲ୍ଲୀରେ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟଶ୍ୱାଲ୍ ଏହା ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି, ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ସଙ୍ଗଠନ ଓ କାର୍ଯ୍ୟକଳାପ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଆଫଗାନିସ୍ତାନ ନିଜର ସାର୍ବଭୌମତ୍ୱ ରକ୍ଷା ଲାଗି ନିଜ ଅଞ୍ଚଳରେ ପଦକ୍ଷେପ ନେବାରୁ ପାକିସ୍ତାନରେ ଅଶାନ୍ତି ସୃଷ୍ଟି ହୋଇଛି । ସେ କହିଛନ୍ତି, ଆଫଗାନିସ୍ତାନର ସାର୍ବଭୌମତ୍ୱ, ଆଞ୍ଚଳିକ ଏକତା ଏବଂ ସ୍ୱାଧୀନତା ପ୍ରତି ଭାରତ ତା'ର ପ୍ରତିବଦ୍ଧତା ପ୍ରକାଶ କରୁଛି ।

କାବୁଲ୍‌ରେ ୨୦୨୨ ପରଠାରୁ କାର୍ଯ୍ୟ କରୁଥିବା ଭାରତୀୟ ମିଶନକୁ ଆଉ କିଛିଦିନ ମଧ୍ୟରେ ଦୂତାବାସରେ ପରିଣତ କରାଯିବ ।

ଆମେରିକା ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଷୟରେ ତୈଳ ଆମଦାନୀ ନେଇ କଥାବାର୍ତ୍ତା ହୋଇଛି କି ନାହିଁ ପ୍ରଶ୍ନର ଉତ୍ତରରେ ଶ୍ରୀ ଜୟଶ୍ୱାଲ୍ କହିଛନ୍ତି, ଏ ସମ୍ପର୍କରେ ସେ ଅବଗତ ନାହାନ୍ତି ।

## ଫ୍ରେଞ୍ଚ ପି.ଏମ୍. - ନୋ କନ୍‌ଫିଡେନ୍ସ

ଫ୍ରାନ୍ସ ପ୍ରଧାନମନ୍ତ୍ରୀ ସେବାସ୍ତିଆନ୍ ଲେକୋର୍ଣ୍ଣୁ ଆଜି ଅଳ୍ପକେ ଅନାସ୍ଥା ପ୍ରସ୍ତାବରୁ ରକ୍ଷା ପାଇଛନ୍ତି । ସେଠାକାର ସଂସଦରେ ପେନ୍‌ସନ୍ ସଂସ୍କାର ଯୋଜନାକୁ ନେଇ ବିବାଦ ସୃଷ୍ଟି ହେବା ପରେ ତାଙ୍କ ବିରୋଧରେ ଦୁଇଟି

ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା । ସରକାରକୁ ଗାଦିଚ୍ୟୁତ କରିବା ଲାଗି ୨ ଶହ ଅଣାନବେଟି ଭୋଟ୍‌ର ଆବଶ୍ୟକତା ରହିଥିବାବେଳେ ପ୍ରସ୍ତାବ ସପକ୍ଷରେ ୨୭୧ଟି ଭୋଟ୍ ପଡ଼ିଥିଲା । ସେଠାକାର ସୋସାଲିଷ୍ଟ ପାର୍ଟି ସରକାରଙ୍କୁ ସମର୍ଥନ କରିବାରୁ ପ୍ରଧାନମନ୍ତ୍ରୀ ସେବାସ୍ତିଆନ୍ ଏହି ଆସ୍ଥା ଭୋଟ୍‌ରେ ବିଜୟ ଲାଭ କରିଛନ୍ତି ।

ଦ୍ୱିତୀୟ ଅନାସ୍ଥା ପ୍ରସ୍ତାବ ଦିନର ଦ୍ୱିତୀୟାର୍ଦ୍ଧରେ ଆଗତ ହେବାକୁ ଥିଲେ ମଧ୍ୟ ଏହା ଆବଶ୍ୟକ ସମର୍ଥନ ହାସଲ କରିପାରିବ ନାହିଁ ବୋଲି ଆକଳନ କରାଯାଇଛି । ସୂଚନାଯୋଗ୍ୟ, ଫ୍ରାନ୍‌ସ ପ୍ରଧାନମନ୍ତ୍ରୀ ପେନ୍‌ସନ୍ ସଂସ୍କାର ନେଇ ଆଉ କିଛିଦିନ ବିଳମ୍ବ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହାକୁ ବିରୋଧ କରି ବିରୋଧୀ ଦଳଗୁଡ଼ିକ ଅନାସ୍ଥା ପ୍ରସ୍ତାବ ଆଣିଥିଲେ ।

## ଭି.ପି. - ସିନ୍ଧିଆ ମିଟ୍

କେନ୍ଦ୍ର ଉତ୍ତର-ପୂର୍ବାଞ୍ଚଳ କ୍ଷେତ୍ର ଯୋଗାଯୋଗ ଓ ବିକାଶ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଆଜି ସଂସଦ ଭବନରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍‌ଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ଦେଶର ଉତ୍ତର-ପୂର୍ବାଞ୍ଚଳ କ୍ଷେତ୍ରଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା ପ୍ରମୁଖ ଯୋଜନା ଏବଂ ଭବିଷ୍ୟତରେ କାର୍ଯ୍ୟକାରୀ ହେବାକୁ ଥିବା ଯୋଜନାର ରୂପରେଖ ସମ୍ପର୍କରେ

ମନ୍ତ୍ରୀ ଶ୍ରୀ ସିନ୍ଦିଆ ଉପରାଷ୍ଟ୍ରପତିଙ୍କୁ ଅବଗତ କରିଛନ୍ତି । ଉପରାଷ୍ଟ୍ରପତି ଉତ୍ତର-ପୂର୍ବାଞ୍ଚଳ କ୍ଷେତ୍ରରେ ଟେଲିକମ୍ ଏବଂ ଇଣ୍ଟରନେଟ୍ ଭିତ୍ତିଭୂମି ନେଇ ସରକାରଙ୍କଦ୍ୱାରା ଗ୍ରହଣ କରାଯାଉଥିବା ଯୋଜନାଗୁଡ଼ିକ ଉପରେ ସନ୍ତୋଷ ପ୍ରକାଶ କରିଥିଲେ । ମନ୍ତ୍ରୀ ଶ୍ରୀ ସିନ୍ଦିଆ ଉପରାଷ୍ଟ୍ରପତିଙ୍କୁ ଦେଶର ବିସ୍ତୃତ ପୋଷ୍ଟାଲ୍ ନେଟ୍‌ୱାର୍କ, ଭାରତ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍, ବି.ଏସ୍.ଏନ୍.ଏଲ୍. ସଂଯୋଗୀକରଣ ଏବଂ ତ୍ୱରିତ ଡାକସେବା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ ।

## ଗୁଜୁରାଟ - କ୍ୟାବିନେଟ୍ ଏକ୍ସପ୍ୟାନ୍‌ସନ୍

ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ୍‌ଙ୍କ କ୍ୟାବିନେଟ୍ ଆସନ୍ତାକାଲି ସମ୍ପ୍ରସାରଣ ହେବ । କ୍ୟାବିନେଟ୍‌ର ନୂଆ ମନ୍ତ୍ରୀମାନଙ୍କୁ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ପଦ ଏବଂ ଗୋପନୀୟତାର ଶପଥପାଠ କରାଇବେ । ଗାନ୍ଧିନଗରସ୍ଥିତ ମହାତ୍ମା ମନ୍ଦିରଠାରେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏନେଇ ରାଜ୍ୟମନ୍ତ୍ରୀ ଋଷିକେଶ ପଟେଲ୍ କହିଛନ୍ତି, ଆସନ୍ତାକାଲି ନୂତନ ମନ୍ତ୍ରୀମାନଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ କରାଯିବ ।

# ଟି.ଏନ୍. ସି.ଏମ୍. - ଶ୍ରୀଲଙ୍କା ପି.ଏମ୍. ଭିଜିଟ୍

ତାମିଲ୍‌ନାଡୁର ମତ୍ସ୍ୟଜୀବୀମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟାର ସମାଧାନ ଲାଗି ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିବାପାଇଁ ତାମିଲ୍‌ନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଅନୁରୋଧ କରିଛନ୍ତି । ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀଙ୍କ ତିନିଦିନିଆ ଭାରତ ଗସ୍ତ କାଳରେ ଏହି ବିଷୟ ଉପସ୍ଥାପନପାଇଁ ଶ୍ରୀ ଷ୍ଟାଲିନ୍ ଆଗ୍ରହ ପ୍ରକାଶ କରିଛନ୍ତି । ଏକ ପତ୍ର ମାଧ୍ୟମରେ ସେ ସୃଷ୍ଟି ହେଉଥିବା ସମସ୍ୟାଗୁଡ଼ିକର କୂଟନୈତିକ ସ୍ତରରେ ସମାଧାନ କରାଯିବ ବୋଲି କହିଛନ୍ତି । ଶ୍ରୀଲଙ୍କା ପ୍ରଶାସନଦ୍ୱାରା ତାମିଲ୍‌ନାଡୁର ୨୬ ଜଣ ମତ୍ସ୍ୟଜୀବୀ ଏବଂ ୨୪୨ଟି ମାଛଧରା ଡଙ୍ଗା ଧରାଯାଇଥିବା ଦର୍ଶାଇ ସେମାନଙ୍କୁ ତୁରନ୍ତ ମୁକ୍ତ କରିବା ଲାଗି ପଦକ୍ଷେପ ନେବାକୁ ଶ୍ରୀ ଷ୍ଟାଲିନ୍ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

*****